## ସଂକ୍ଷେପରେ

### ଆଇଟିଆଇ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ବ୍ରହ୍ମପୁର ଅଫିସ,୩୦।୭:** ଜଣେ ଆଇଟିଆଇ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ନେଇ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୭୫/୧୯ ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଏପରିକି ଅପହର୍ତ୍ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି ବୋଲି ସୂଚନା ଦେଇଛି। ପ୍ରକାଶ ଯେ, ଛାତ୍ରୀ ଜଣଙ୍କ ଏକ ଶିକ୍ଷାନୁଷ୍ଠାନରେ ଆଇଟିଆଇ କରୁଛନ୍ତି। ଗତ ୨୮ ତାରିଖ ସନ୍ଧ୍ୟାରେ ତାଙ୍କୁ ତାଙ୍କ ଘର ନିକଟରୁ କେହି ଅପହରଣ କରି ନେଇଛି। ପୀଡିତାଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରି ଝିଅର ପତ୍ତା ପାଇ ନ ଥିଲେ। ଶେଷରେ ନିରାଶ ହୋଇ ପୀଡିତାଙ୍କ ବାପା ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ସ୍ୱାଧୀନତା ଦିବସ ପାଇଁ ତର୍କ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ,୩୦।୭:** ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଇଂଲିଶ ଏବଂ ଓଡ଼ିଆ ଭାଷାରେ ତର୍କ ପ୍ରତିଯୋଗିତା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟସ୍ତରୀୟ ଷଷ୍ଠ ଏବଂ ସପ୍ତମ ଶ୍ରେଣୀ ତର୍କ(ଓଡ଼ିଆ) ପ୍ରତିଯୋଗିତାରେ କୃଷ୍ଣଚନ୍ଦ୍ର ମହାନ୍ତି ପ୍ରଥମ ହୋଇଥିବା ବେଳେ ଅଭିଷେକ ସାମନ୍ତରାୟ ଏବଂ ସାଇସ୍ମିତା ଡାକୁଆ ଦ୍ୱିତୀୟ ଓ ଆଲିସା ପାଢ଼ୀ ତୃତୀୟ ହୋଇଛନ୍ତି। ଅଷ୍ଟମ ଏବଂ ନବମ ଶ୍ରେଣୀ ବର୍ଗରେ ପ୍ରିୟାଂଶୁ ଶେଖର ସାହୁ ପ୍ରଥମ ହୋଇଥିବା ବେଳେ ଜେ.ରାମନ୍ ଏବଂ ଆୟୁଷ୍ମତୀ ସାହୁ ଦ୍ୱିତୀୟ ଓ ଅନ୍ୱେଷା ପାତ୍ର ଏବଂ ଲିସା ପ୍ରଧାନ ତୃତୀୟ ହୋଇଛନ୍ତି। ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଶୁଭାଶିଷ ପାଣିଗ୍ରାହୀ ପ୍ରଥମ ହୋଇଥିବା ବେଳେ ଆଶିଷ କୁମାର ଦାସ ଦ୍ୱିତୀୟ ଏବଂ ରାକେଶ ମହାପାତ୍ର ଓ ରାକେଶ କୁମାର ଜେନା ଯୁଗ୍ମ ତୃତୀୟ ହୋଇଛନ୍ତି। ସୁମନ ପଣ୍ଡା, ସୁମିତା ମିଶ୍ର ଏବଂ ଲକ୍ଷ୍ମୀ ନାରାୟଣ ଦାସ ବିଚାରକ ଦାୟିତ୍ୱରେ ରହିଥିଲେ। ତର୍କ(ଇଂଲିଶ)ର ବିଦ୍ୟାଳୟସ୍ତରୀୟ ଷଷ୍ଠ ଏବଂ ସପ୍ତମ ଶ୍ରେଣୀରେ ସଞ୍ଜନା ପାତ୍ର ପ୍ରଥମ, ପ୍ରତ୍ୟାଶା ପ୍ରିୟଦର୍ଶିନୀ ଦ୍ୱିତୀୟ ଏବଂ ଅଳକା ପଣ୍ଡା ତୃତୀୟ ହୋଇଛନ୍ତି। ଅଷ୍ଟମ ଏବଂ ନବମ ଶ୍ରେଣୀ ବର୍ଗରେ ସୌମ୍ୟ ପଟ୍ଟନାୟକ ପ୍ରଥମ ହୋଇଥିବା ବେଳେ ଶିବ ପ୍ରସାଦ ପାତ୍ର ଦ୍ୱିତୀୟ ଏବଂ ଶୁଭଙ୍କର ଚୌଧୁରୀ ଏବଂ ଆର୍ଯ୍ୟଦୀପ ପଲାଇ ତୃତୀୟ ହୋଇଛନ୍ତି। ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଆଶିଷ କୁମାର ପଣ୍ଡା ପ୍ରଥମ ହୋଇଥିବା ବେଳେ ଶୁଭାଶିଷ ଚୌଧୁରୀ ଦ୍ୱିତୀୟ ଏବଂ ଆର୍. ସ୍ନିଗ୍ଧା ତୃତୀୟ ହୋଇଛନ୍ତି। ବିଚାରକ ଭାବେ ପିନାକୀ ମହାନ୍ତି, ପ୍ରଦୀପ କୁମାର ମହାରଣା ଏବଂ ପ୍ରତିଭା ମିଶ୍ର ଦାୟିତ୍ୱରେ ଥିଲେ।

### ଫିରିଙ୍ଗିଆରେ ଯୁଗ୍ମ ଅଭିଯୋଗ ଶୁଣାଣି

**ଫିରିଙ୍ଗିଆ,୩୦।୭:** ଫିରିଙ୍ଗିଆ ବ୍ଲକରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ହୋଇଯାଇଛି। ଏଥିରେ ଜିଲାପାଳ ଡା. ବୃନ୍ଦା ଡି ଓ ଏସ୍‌ପି ପ୍ରତିକ୍ ସିଂଙ୍କ ସମେତ ଅନ୍ୟ ପଦାଧିକାରୀ ଯୋଗଦେଇ ଆଗତ ଅଭିଯୋଗର ଶୁଣାଣୀ କରିଥିଲେ। ମୋଟ ୨୯ଟି ଅଭିଯୋଗ ଆସିଥିଲା। ସେଥିରୁ ୩ ଗୋଷ୍ଠିଗତ ଏବଂ ୨୬ ବ୍ୟକ୍ତିଗତ ଥିଲା। ଅଭିଯୋଗ ଶୁଣାଣି କରାଯାଇ ତୁରନ୍ତ ସମାଧାନ କରାଯାଇଥିବାବେଳେ ୨୪ ଅଭିଯୋଗକୁ ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ତଦନ୍ତ କରି ଫଇସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଡିଓ ପ୍ରବୀଣ କୁମାର ବାଣୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏଆଇକେଏମ୍‌ଏସ୍‌ର ଦୁଇଦିନିଆ ଜାତୀୟ ଅଧିବେଶନ

# କୃଷି ସଙ୍କଟ ପାଇଁ ସରକାରୀ ନୀତି ଦାୟୀ

ବ୍ରହ୍ମପୁର ଅଫିସ୍,୩୦।୭

ଅଖିଳ ଭାରତ କିଶାନ୍ ମଜଦୁର ସଭା (ଏଆଇକେଏମ୍‌ଏସ୍)ର ଦୁଇଦିନିଆ ସର୍ବଭାରତୀୟ ସାଧାରଣ ପରିଷଦ ଅଧିବେଶନ ମଙ୍ଗଳବାରଠାରୁ ପ୍ରକାଶମ୍ ହଲ୍‌ରେ ଆରମ୍ଭ ହୋଇଛି। ସଂଗଠନର ଜାତୀୟ ଉପ ସଭାପତି ସୁଶାନ୍ତ ଝା ବିପ୍ଳବୀ ପତାକା ଉତ୍ତୋଳନ କରିବା ପରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଆୟୋଜକଙ୍କ ପକ୍ଷରୁ ସଂଗଠନର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଭ୍ୟର୍ଥନା ସମିତି ଅଧକ୍ଷ ଭଗବାନ ସାହୁ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଗଞ୍ଜାମର କୃଷକ ଆନ୍ଦୋଳନର ଅବତାରଣା କରି ଦେଶରେ କୃଷି ସଙ୍କଟର ସମାଧାନ ପାଇଁ ଏକ ଶକ୍ତିଶାଳୀ କୃଷକ ଆନ୍ଦୋଳନର ଆବଶ୍ୟକତା ରହିଥିବା କହିଥିଲେ। ଜାତୀୟ ଉପ ସଭାପତି ସୁଶାନ୍ତ ଝାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଅର୍ଥନୀତି ପ୍ରଫେସର ଡ଼. ଗୋଲକ ବିହାରୀ ନାଥ ଦେଶରେ କୃଷି



ଏଆଇକେଏମ୍‌ଏସର ଜାତୀୟ ଅଧିବେଶନରେ ଯୋଗଦେଇଥିବା ଅତିଥିମାନେ।

ସଙ୍କଟ ପଛରେ ଜନବିରୋଧୀ ସରକାରୀ ନୀତି ଦାୟୀ ବୋଲି କହିଥିଲେ। ଦେଶର ଅର୍ଥନୀତି ଖରାପ ସ୍ଥିତିରେ ରହିଥିବା ବେଳେ ବେରୋଜଗାରୀ, ଆର୍ଥିକ ବୈଷମ୍ୟ ଚରମ ସୀମାରେ ପହଞ୍ଚିଛି। ଏଭଳି ସ୍ଥିତିରେ ସରକାର ଏହି ସଙ୍କଟର ସମାଧାନ କରିବା ପରିବର୍ତ୍ତେ ଲୋକଙ୍କୁ ଲଲିପପ୍ ବାଣ୍ଟିବାରେ ଲାଗିଛନ୍ତି। ସରକାରଙ୍କ ବହୁ ପ୍ରଚାରିତ କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା ଘୋଷଣା ଏକ ଧୂଆଁବାଣ । ଫସଲର ଲାଭଜନକ ଦର ପ୍ରଦାନ ଜରିଆରେ ହିଁ କୃଷି ସଙ୍କଟରୁ ମୁକ୍ତି ମିଳିପାରିବ ବୋଲି ସେ କହିଥିଲେ।

ପ୍ରଫେସର ନାଥ କହିଥିଲେ, ଭୂସଂସ୍କାର ନାଁରେ କ୍ରମାଗତ ଭାବେ ସବୁ ସରକାର ପ୍ରତାରଣା କରିଛନ୍ତି। ସାମ୍ରାଜ୍ୟବାଦୀ କମ୍ପାନୀଙ୍କ ଚାପରେ ଦେଶରେ ଭୂସଂସ୍କାରକୁ ରାଜନୀତିର ଏଜେଣ୍ଡାରୁ ହଟେଇ ଦିଆଯାଇଛି। ଜମିର ଉପଯୁକ୍ତ ବଣ୍ଟନ, ଜମି ସିଲିଂର ସୀମା ହ୍ରାସ କରିବା, ସରକାରୀ ଜମିକୁ ଭୂମିହୀନଙ୍କ ମଧ୍ୟରେ ବାଣ୍ଟିବା ମଧ୍ୟ ଦେଇ ହିଁ ଦେଶରେ ଉଭୟ କୃଷି ଏବଂ କୃଷକର ବିକାଶ ହୋଇ ପାରିବ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ସମଦୃଷ୍ଟି ସମ୍ପାଦକ ସୁଧୀର ପଟ୍ଟନାୟକ ବିକାଶ ନାଁରେ କର୍ପୋରେଟ୍‌ମାନଙ୍କୁ ଜମି ହସ୍ତାନ୍ତରର ବିରୋଧ କରିବା ସହିତ ଚାଷୀ ହାତରେ ଜମିର ଅଧିକାର କଥା କହିଥିଲେ। ଯେଉଁ ପର୍ଯ୍ୟନ୍ତ ଚାଷୀର ଜମି ଉପରେ ଅଧିକାର ନାହିଁ ସେ ପର୍ଯ୍ୟନ୍ତ ଚାଷୀର ଶ୍ରମ କଦାପି ତାର ନିଜର ହୋଇପାରିବ ନାହିଁ ବୋଲି କହିଥିଲେ।

ଅପରାହ୍ନରେ ପ୍ରତିନିଧି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଆଇକେଏମ୍‌ଏସ୍ ଜାତୀୟ କମିଟି ପକ୍ଷରୁ ସାଧାରଣ ସମ୍ପାଦକ ଡ଼. ଆଶିଷ ମିତ୍ତଲ ଦେଶର କୃଷି ଓ କୃଷକଙ୍କ ବିଭିନ୍ନ ସମସ୍ୟା ଉପରେ ଏକ ଚିଠା ଉପସ୍ଥାପନ କରିଥିଲେ। ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିନିଧିମାନେ ନିଜ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଗତିଶୀଳ ସଂସ୍କୃତିକ ସଂଘ କଳାକାରମାନେ ଅଂଶଗ୍ରହଣ କରି ସଂଗ୍ରାମୀ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ। ଜାତୀୟ କମିଟି ଉପସଭାପତି ଭି. ଚଲପତି ରାଓ, ସମ୍ପାଦକ କେ. ରଙ୍ଗୟା, ଜାତୀୟ କମିଟି ସଭ୍ୟ ରାମବୃକ୍ଷ ରାମ, ଧରମପାଲ ସିଂ, ପଞ୍ଜାବର ଚାଷୀନେତା ତାରସେନ ପିଟର, ଉତ୍ତର ପ୍ରଦେଶରୁ ହୀରାଲାଲ, ବିହାରର ଶମ୍ଭୁ ସିଂ ପ୍ରମୁଖ ଜାତୀୟ କମିଟି ସଭ୍ୟ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହେତୁବାଦୀ ସଂଗଠନର ସମ୍ପାଦକ କେ. ନାନ୍ଦେଶୁ ସେନାପତି, ଇଂ. ରାଜା ସୁରେଶ, ସ୍ୱାସ୍ଥ୍ୟ-ଶିକ୍ଷା ଆନ୍ଦୋଳନର ନେତା ଅବନୀ କୁମାର ଗୟା, ଆଡ଼ଭୋକେଟ୍ କେ. ସୁବ୍ରମଣ୍ୟମ୍ ରାଓ, ଖାଉଟି ଅଧିକାର କର୍ମୀ କାମେଶ୍ୱର ରାଓ, ପ୍ରଗତିଶୀଳ ବୁଦ୍ଧିଜୀବୀ ପି. କାମେଶ୍ୱର ରାଓ, ଶ୍ରମିକ ନେତା କର୍ମଚାରୀ ନେତା ପ୍ରତାପ ଚନ୍ଦ୍ର ପ୍ରଧାନ, ପ୍ରମୁଖ ଅଭ୍ୟର୍ଥନା ସମିତିର ସଦସ୍ୟ ଯୋଗ ଦେଇଥିଲେ।

### ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ଅଭାବ ଅଭିଯୋଗ

ଗୋପାଳପୁର,୩୦।୭

ରଙ୍ଗେଇଲୁଣ୍ଡା ବ୍ଲକ ଦାସପୁରସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମଙ୍ଗଳବାର ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ପ୍ରଭାତୀ କୁମାରୀ ମହାପାତ୍ର ଯାଇ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଗଣିତ ଓ ଅନ୍ୟାନ୍ୟ ବିଷୟରେ ପଚାରିଥିଲେ। ସେହି ସମୟରେ ଜଣେ ଶିକ୍ଷକ ବିଜ୍ଞାନ ପଢ଼ାଇବା ପାଇଁ ଥିବା ବେଳେ ସେ ପ୍ରତ୍ୟହ ଗଣିତ, ସାହିତ୍ୟ ଓ ଇଂଲିଶ ପଢ଼ାଉଥିବା ବିଇଓ ଜାଣିବାକୁ ପାଇଥିଲେ। ପୂର୍ବରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅନୁପସ୍ଥିତିରେ ତାଙ୍କ କାର୍ଯ୍ୟାଳୟରେ ଜନୈକ ଶିକ୍ଷକ ରେକର୍ଡପତ୍ର ଯାଞ୍ଚ କରୁଥିବା ନେଇ ବିଇଓଙ୍କ ନିକଟରେ ଅଭିଯୋଗ ପହଞ୍ଚିଥିଲା। ବିଇଓ ତା'ର ତଦନ୍ତ କରିଥିଲେ। ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ, ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିର୍ଦ୍ଦେଶକୁ କୌଣସି ଶିକ୍ଷକ ମାନୁ ନ ଥିବା, ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ଆଲୋଚନା ହେଉ ନ ଥିବା ନେଇ ବିଦ୍ୟାଳୟ ପରିଚାଳନା କମିଟି ବିଇଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲା। ପରେ ବିଇଓ ମଧ୍ୟାହ୍ନ ଭୋଜନ ଠିକ୍ ଭାବେ ଦିଆଯାଉଛି କି ନାହିଁ ତାହା ଯାଞ୍ଚ କରିଥିଲେ। ଏ ସମ୍ପର୍କରେ ବିଇଓ ପ୍ରଭାତୀ କୁମାରୀ ମହାପାତ୍ରଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ଜନୈକ ଶିକ୍ଷକଙ୍କ ନାଁରେ ଅଭିଯୋଗ ଆସିଛି। ତଦନ୍ତ ପରେ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଯିବ।

# ଫ୍ଲାଏଓଭର ପାଇଁ ଏମ୍‌ପିଙ୍କ ଦାବି

ବ୍ରହ୍ମପୁର ଅଫିସ୍,୩୦।୭

ହାୱଡ଼ାରୁ ଚେନ୍ନାଇକୁ ସଂଯୋଗ କରୁଥିବା ୧୬ନଂ. ଜାତୀୟ ରାଜପଥ ବ୍ରହ୍ମପୁର ଦେଇ ଯାଇଛି। ଏହି ରାଜପଥ ୬ ଲେନ୍ ହୋଇଥିବା ବେଳେ ଇଚ୍ଛାପୁରରୁ ସୁନାଖଳା ପର୍ଯ୍ୟନ୍ତ ମାତ୍ର ଚାରି ଲେନ୍ ନିର୍ମାଣ ହେଉଛି। ଫଳରେ ରାସ୍ତାର ଏହି ଅଞ୍ଚଳରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ଏଣୁ ସମ୍ପୂର୍ଣ୍ଣ ରାଜପଥକୁ ୬ଲେନ୍ କରିବା ପାଇଁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମଙ୍ଗଳବାର କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀଙ୍କ ନିକଟରେ ଦାବି କରିଛନ୍ତି। ମଙ୍ଗଳବାର ଏମ୍‌ପି ସାହୁ ବ୍ୟକ୍ତିଗତ ଭାବେ ମନ୍ତ୍ରୀଙ୍କ ଗଡ଼କରୀଙ୍କୁ ସାକ୍ଷାତ କରି ଦାବି ଜଣାଇଥିଲେ। ସେହିଭଳି ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଯୋଗୁ ହୁମ୍ମା, ରମ୍ଭା, ଛତ୍ରପୁର ଡିଆର୍‌ଡିଏ ଛକ ଏବଂ ପୁକୁଡିବନ୍ଧରେ ଫ୍ଲାଏ ଓଭର୍ ନିର୍ମାଣ କରିବାକୁ ଦାବି କରିଛନ୍ତି। ସାଗର ମଳା ପ୍ରକଳ୍ପରେ ଦୀଘାରୁ



କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀଙ୍କ ସହ ଏମ୍‌ପି ଚନ୍ଦ୍ରଶେଖର ସାହୁ ଆଲୋଚନା କରୁଛନ୍ତି।

**ଜାତୀୟ ରାଜପଥ ୬ ଲେନ୍**

ଗୋପାଳପୁର ପର୍ଯ୍ୟନ୍ତ ସ୍ୱତନ୍ତ୍ର ରାଜପଥ ନିର୍ମାଣ ଚାଲିଛି। ଗୋପାଳପୁରରୁ ମାତ୍ର ୨୦କି.ମି. ଦୂରରେ ରହିଛି ସୌନ୍ଦର୍ଯ୍ୟମୟ ସୁନାପୁର। ବହୁ ସଂଖ୍ୟାରେ ପର୍ଯ୍ୟଟକ ପ୍ରତ୍ୟକ ବର୍ଷ ଏହି ବେଳାଭୂମିକୁ ଆସନ୍ତି। ଏଣଉ ସାଗର ମଳା ପ୍ରକଳ୍ପରେ ନିର୍ମାଣ ହେବାକୁ ଥିବା ରାଜପଥ ସୁନାପୁର ପର୍ଯ୍ୟନ୍ତ ସଂପ୍ରସାରଣ କରିବାକୁ ଏମ୍‌ପି ସାହୁ ଦାବି ରଖିଛନ୍ତି। ସେହିଭଳି ବ୍ରହ୍ମପୁର ସହର ଦେଇ ଯାଇଥିବା ଗୋପାଳପୁର-ରାୟପୁର ୫୯ନଂ. ଜାତୀୟ ରାଜପଥରେ ଯାନବାହନ ସଂଖ୍ୟା ବଢୁଛି। ବିଶେଷକରି ବ୍ରହ୍ମପୁର ସହରର ଗେଟ୍‌ବଜାର ଛକରେ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ଏହି ଛକରେ ଏକ ଫ୍ଲାଏଓଭର୍‌ର ନିହାତି ଆବଶ୍ୟକ ରହିଛି। ଏଣୁ ଉପରୋକ୍ତ ଦାବି ସମ୍ପର୍କରେ ବିଚାର କରି ତୁରନ୍ତ ପୂରଣ କରିବା ପାଇଁ ଏମ୍‌ପି ସାହୁ କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କ ନିକଟରେ ଦାବି ରଖିଛନ୍ତି।

### ବରିଷ୍ଠ ନାଗରିକ ସଂଘର ଚାରାବଣ୍ଟନ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୩୦।୭

ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନୀଳକଣ୍ଠନଗର ପ୍ରଥମ ଗଳିରେ ଚାରାରୋପଣ ଓ ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ତ୍ରିନାଥ ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ପ୍ରମୋଦ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ବଂଶୀଧର ଭୂୟାଁ, ସମ୍ପାଦକ କିଶୋର ଚନ୍ଦ୍ର ବ୍ରହ୍ମା, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। କର୍ମକର୍ତ୍ତାମାନେ ଅଞ୍ଚଳରେ ଚାରାରୋପଣର ଗୁରୁତ୍ୱ, ପରିବେଶର ସୁରକ୍ଷା ଉପରେ ସଚେତନ କରିବା ସହ ଚାରାବଣ୍ଟନ କରିଥିଲେ।

## ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର ଅଫିସ,୩୦।୭

ରାଜ୍ୟ ବିଦ୍ୟୁତ କର୍ମଚାରୀ ସଂଘ ପରିବର୍ତ୍ତିତ କାର୍ଯ୍ୟକାରିଣୀ ବୈଠକ ବଡଗଡ ହୀରା ଜିଡିଡି କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସିଭିଏନ ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଦରମାରେ ତାରତମ୍ୟ, ଏନ୍‌ଏମ୍ଆର, କଣ୍ଟିଜେଣ୍ଟ, ଆଉଟସୋର୍ସିଂରେ ନିୟୋଜିତ କର୍ମଚାରୀଙ୍କୁ ନିୟମିତ କରିବା, ୨୦ ଭାଗ ୱେଜ ବୋର୍ଡ ବକେୟା ପ୍ରଦାନ ପ୍ରଭୃତି ସମସ୍ୟା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ରାମକୃଷ୍ଣ ପଣ୍ଡା, ନିରଞ୍ଜନ ପାଣିଗ୍ରାହୀ, ଦୁର୍ଗା ପ୍ରସାଦ ମିଶ୍ର, ଭରତ ଚନ୍ଦ୍ର ସେଠୀ, ରାଜ କିଶୋର ପଟ୍ଟନାୟକ, ଭ୍ରମରବର ରାଉତ, ଆକୁଳ ଚନ୍ଦ୍ର ନାଥ, ସତ୍ୟବାଦୀ ବାଘ ଓ ସୁଖଦେବ ରାଉତ ପ୍ରମୁଖ ଯୋଗଦେଇ ସରକାର ଓ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଶୈଳୀକୁ ସମାଲୋଚନା କରିଥିଲେ। ବିଦ୍ୟୁତ୍ କ୍ଷେତ୍ରରେ ଫ୍ରାଞ୍ଚାଇଜ ପ୍ରଥା ବନ୍ଦ କରିବା, ଠିକା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ନିୟମିତ ଶ୍ରମିକଙ୍କୁ ପେନସନ ପ୍ରଦାନ, ୨୦୧୫ରୁ ନୂତନ ଦରମା ନେଇ ରହିଥିବା ସମସ୍ୟାର ସମାଧାନ କରିବା, ସେସୁ ସହ ଅନ୍ୟାନ୍ୟ ତିନୋଟି ବିଦ୍ୟୁତ୍ କମ୍ପାନୀ ଗୁଡିକରେ ଚାଲିଥିବା ମନମୁଖି ଶାସନ ବନ୍ଦ କରିବା, ନୂତନ ୟାର୍ଡଷ୍ଟିକ ପ୍ରଚଳନ କରିବା ପ୍ରଭୃତି ଦାବି ଉପରେ ବୈଠକରେ ଆଲୋଚନା ହୋଇଥିଲା । ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ବିଦ୍ୟୁତ୍ ଶ୍ରମିକ କର୍ମଚାରୀମାନେ ଧର୍ମଘଟକୁ ଓହ୍ଲାଇବା ନେଇ ନିଷ୍ପତ୍ତି ନିଆଯାଇଥିଲା। ବିବି ମହାନ୍ତି ଓ ପ୍ରମୋଦ ଦାଶଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲାର ବିଦ୍ୟୁତ୍ କର୍ମଚାରୀ ସଂଘର କର୍ମକର୍ତ୍ତା ବୈଠକରେ ସାମିଲ ହୋଇଥିଲେ ।

## ରାଜ୍ୟ ସବ୍‌ଜୁନିୟର୍ ବାସ୍କେଟବଲ୍

# ଗଞ୍ଜାମ ବାଳିକା, ବାଳକ ଦଳ ଘୋଷିତ

ବ୍ରହ୍ମପୁର ଅଫିସ୍,୩୦।୭

କଟକରେ ଆସନ୍ତା ୧ ରୁ ୪ତାରିଖ ପର୍ଯ୍ୟନ୍ତ ରାଜ୍ୟ ସବ୍‌ଜୁନିୟର୍ ବାସ୍କେଟବଲ୍ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଭାଗନେବା ପାଇଁ ଗଞ୍ଜାମ ଜିଲା ବାଳିକା ଏବଂ ବାଳକ ଦଳ ଘୋଷିତ ହୋଇଯାଇଛି। ବାଳିକା ଦଳରେ ଦିବ୍ୟଙ୍କା ରାଉତରାୟ, ଦୀପ୍ତିମୟୀ ସାହୁ, ଲିପ୍‌ସା ସେଠୀ, ଏମ୍.ଜାନ୍‌ଭି, ସଞ୍ଜନା କୁମାରୀ ସ୍ୱାଇଁ, ନୂତନ ନାୟକ, ଦିବ୍ୟଦର୍ଶିନୀ ମହାପାତ୍ର, କସ୍ତୁରୀ ମଲ୍ଲିକ, ଆଦିଶ୍ରୀ ମହାନ୍ତି, ସଂଗୀତ ମହାନ୍ତି, ବିଦ୍ୟା ବସୁମତି ପାତ୍ର, ସାନ୍‌ଭି ସୁବୁଦ୍ଧି ଏବଂ ସ୍ୱାଗତିକା ସାହୁ ମନୋନୀତ ହୋଇଛନ୍ତି। ସେହିଭଳି ବାଳକ ଦଳରେ ଯୁଗଳ ହିକ୍‌କା, ବିଶ୍ୱନାଥ ସିଶ, ଟିକେଶ୍ୱର ବୁଦ୍ଧି, ଅନ୍ୱେଷ ମହାନ୍ତି, ବିଘ୍ନରାଜ୍ ମିଶ୍ର, ସୁବ୍ରତ କୁମାର ହୋତା, ଶ୍ୟାମ ନନ୍ଦ ସେଠୀ, ଏମ୍.ସ୍ନେହାଲ୍ ସ୍ୱାମୀ, ଆଦିତ୍ୟ ପ୍ରସାଦ ପଣ୍ଡା, ଅଶ୍ୱିନୀ କୁମାର ପାଣିଗ୍ରାହୀ, ଜି.ରବି କୁମାର ପ୍ରମୁଖ ରହିଛନ୍ତି। ତେବେ ରାଜ୍ୟସ୍ତରୀୟ ଏହି ପ୍ରତିଯୋଗିତାର ଗୁରୁତ୍ୱ ରହିଛି। କାରଣ ଆସନ୍ତା ସେପ୍ଟେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଚାମ୍ପିୟନ୍‌ଶିପ୍ ପାଇଁ ରାଜ୍ୟ ଦଳ ଏହି ପ୍ରତିଯୋଗିତାର ପ୍ରଦର୍ଶନ ଅନୁଯାୟୀ ଚୟନ କରାଯିବ।

# ୪ ମତ୍ସ୍ୟ ଜେଟି ନିର୍ମାଣ ଦାବି

ବ୍ରହ୍ମପୁର ଅଫିସ୍,୩୦।୭

ଗଞ୍ଜାମ ଉପକୂଳରେ ୪ ମତ୍ସ୍ୟ ଜେଟି ନିର୍ମାଣ କରିବାକୁ ଦାବି କରିଛି ଜିଲା ଭାଜପା ମତ୍ସ୍ୟଜୀବୀ ସେଲ୍। ମଙ୍ଗଳବାର ଏନେଇ ଏକ ଦାବିପତ୍ର ଜିଲାପାଳ ଏବଂ ଅତିରିକ୍ତ ମତ୍ସ୍ୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଗୋପାଳପୁର ବନ୍ଦର ପରିସରରେ ରହିଛି ଜିଲାର ଏକ ମାତ୍ର ଜେଟି। ମତ୍ସ୍ୟଜୀବୀ, ଗ୍ରାମବାସୀ ସମୁଦ୍ରରୁ ମାଛ ଧରିବା ସହ ଜାଲ, ଡଙ୍ଗା ରଖିବା ପାଇଁ ଏହା ଉପରେ ନିର୍ଭରଶୀଳ। ଏପରିକି ବନ୍ୟା

**ଗଞ୍ଜାମ ଉପକୂଳ**

ବାତ୍ୟା ସମୟରେ ମଧ୍ୟ ଜାଲ ଓ ଡଙ୍ଗାକୁ ସୁରକ୍ଷିତ ରଖିବା ପାଇଁ ଏହି ଜେଟିର ବ୍ୟବହାର ହେଉଛି। କିନ୍ତୁ ଅନେକ ବର୍ଷ ହେଲା ଏହାର ଖନନ କରାଯାଇ ନାହିଁ। ଏଣୁ ଜେଟିର ଗଭୀର ଖନନ ଦିଗରେ ପଦକ୍ଷେପ ନେବାକୁ ସଂଗଠନ ପକ୍ଷରୁ ଦାବି ହୋଇଛି। ସେହିଭଳି ଜିଲାରେ ଆଉ ଚାରୋଟି ଜେଟିର ଆବଶ୍ୟକତା ରହିଛି। ସେହି ସବୁ ସ୍ଥାନ ହେଲା ପାତି ସୁନାପୁର, ମାର୍କଣ୍ଡୀ, ଗୋପାଳପୁର ଏବଂ ଋଷିକୁଲ୍ୟା ମୁହାଣ। ଏହି ସ୍ଥାନଗୁଡ଼ିକରେ ଜେଟି ଖୋଲାଗଲେ, ସର୍ବକାଳୀନ ମାଛ ଧରିବା ପାଇଁ ମତ୍ସ୍ୟଜୀବୀମାନେ ସୁବିଧା ପାଇବେ। ବର୍ତ୍ତମାନ ଜେଟି ଅଭାବ ଯୋଗୁ ମାଛ ଧରିବା ସୁବିଧା ନ ପାଇ ମତ୍ସ୍ୟଜୀବୀମାନେ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି। ଜେଟି ଖୋଲିବା ଦ୍ୱାରା ସେମାନେ ନିଜ ଅଞ୍ଚଳରେ ରୋଜଗାର କ୍ଷମ ହୋଇପାରିବେ। ଏହି ଦୁଇଟି ଦାବି ସମ୍ପର୍କରେ ବିଚାର କରିବାକୁ ସଂଗଠନର ସଭାପତି ରାଜା ରାଓ ଏବଂ ସମ୍ପାଦକ ଜି.ଜଗନ୍ନାଥଙ୍କ ସମେତ ବହୁ ମତ୍ସ୍ୟଜୀବୀ ଦାବି କରିଛନ୍ତି।

# ଆଇଟିଆଇରେ ଏସିଆନ୍ ବ୍ୟାଙ୍କ ପ୍ରତିନିଧି

ବ୍ରହ୍ମପୁର ଅଫିସ,୩୦।୭

ବ୍ରହ୍ମପୁର ସରକାରୀ ଆଇଟିଆଇରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଏଣିକି ମିଳିବ ଆଧୁନିକ ଜ୍ଞାନ କୌଶଳ ଓ ଯନ୍ତ୍ରପାତି ପରିଚାଳନା ଗତ ଦକ୍ଷତା ତାଲିମ । ଛାତ୍ରୀଛାତ୍ରଙ୍କ ନୂତନ ଟେକ୍ନୋଲୋଜୀ ସହ ପରିଚିତ କରାଇବା ଓ ତାଲିମ ପ୍ରଦାନ ନିମିତ୍ତ ଏକ ଅତ୍ୟାଧୁନିକ ଜ୍ଞାନକୌଶଳ ବିଶିଷ୍ଟ ଅଟୋମୋବାଇଲ ୱାର୍କଶପ ଅନୁଷ୍ଠାନରେ ସ୍ଥାପନ ହେବ । ଏନେଇ ମଙ୍ଗଳବାର ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି)ର ଏକ ଅନ୍ତର୍ଜାତୀୟ ପ୍ରତିନିଧି ଦଳ ଆଇଟିଆଇ ପରିଦର୍ଶନ କରିଛନ୍ତି । ବ୍ୟାଙ୍କର ସିଙ୍ଗାପୁର ପ୍ରତିନିଧି ମିଷ୍ଟର କଙ୍ଗସ୍ ଓ ଭାରତର ପ୍ରତିନିଧି ନେହା ସାଇନି ଆଇଟିଆଇର ବିଭିନ୍ନ ଟ୍ରେଡର ୱାର୍କସପ୍, ସ୍କ୍ରାପ ମ୍ୟୁଜିୟମ ପରିଦର୍ଶନ କରିଥିଲେ । ଅଟୋମୋବାଇଲ ଟ୍ରେଡର ଛାତ୍ରୀଛାତ୍ରଙ୍କୁ ଅତ୍ୟାଧୁନିକ ଶୈଳୀର ଜ୍ଞାନକୌଶଳ ସମ୍ପର୍କୀତ ତାଲିମ ପ୍ରଦାନ



ପ୍ରତିନିଧି ଦଳ ଆଇଟିଆଇର ବିଭିନ୍ନ ଟ୍ରେଡ ପରିଦର୍ଶନ କରୁଛନ୍ତି।

ନିମିତ୍ତ ଏକ ଅତ୍ୟାଧୁନିକ ଯନ୍ତ୍ରପାତି ତଥା ୱାର୍କଶପ ସ୍ଥାପନ କରିବାକୁ ସେମାନେ ଇଚ୍ଛାପ୍ରକାଶ କରିଥିବା ସୂଚନା ମିଳିଛି । ତେବେ ଏହି ୱାର୍କଶପ୍ ସ୍ଥାପନ ପରେ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ତାଲିମ ପ୍ରଦାନ କରାଯିବ ବୋଲି ଅଧକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ସୂଚାଇଛନ୍ତି । ପ୍ରତିନିଧି ଦଳଙ୍କ ଗସ୍ତବେଳେ ଅଧକ୍ଷଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ବ୍ୟାଙ୍କ ସୁରକ୍ଷା ଯାଞ୍ଚ କଲା ପୋଲିସ

ବ୍ରହ୍ମପୁର ପୋଲିସ, ୩୦।୭

ବ୍ୟାଙ୍କ ସୁରକ୍ଷା ବ୍ୟବସ୍ଥାରେ ଢିଲା ରହିଥିବା ଯୋଗୁ ବିଗତ ଦିନରେ ଅନେକ ଗ୍ରାହକ ଠକେଇର ଶିକାର ହୋଇଥିବା ନଜିର ରହିଛି। ଏପରିକି ଗ୍ରାହକମାନେ ବିଭିନ୍ନ ସମୟରେ ବ୍ୟାଙ୍କରେ ନାନା ପ୍ରକାର ଠକେଇର ଶିକାର ହେଉଛନ୍ତି। ଗତ କିଛିଦିନ ତଳେ ଟାଉନ ଥାନା ଅନ୍ତର୍ଗତ ମିଲିଟାରୀ ଲାଇନରେ ଥିବା କାନରା ବ୍ୟାଙ୍କରେ ଜଣେ ଗ୍ରାହକଙ୍କୁ କେତେକ ଯୁବକ ଟଙ୍କା ଗଣିବା ବାହାନାରେ ତାଙ୍କର ୨୨ ହଜାର ଟଙ୍କା ଠକି ନେଇଥିଲେ। ବ୍ରହ୍ମପୁର ପୋଲିସ ଜିଲାର ବିଭିନ୍ନ ଥାନା ଇଲାକାରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ବ୍ୟାଙ୍କଗୁଡିକରେ ମଙ୍ଗଳବାର ପୋଲିସ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛି। ମଙ୍ଗଳବାର ପୋଲିସର ବିଭିନ୍ନ ଟିମ ବିଭିନ୍ନ ବ୍ୟାଙ୍କକୁ ଯାଇ ସେଠାକାର ସ୍ଥିତି ଅନୁଧ୍ୟାନ କରିଥିଲେ।



ବ୍ୟାଙ୍କ ସୁରକ୍ଷା ଯାଞ୍ଚ କରୁଛି ପୋଲିସ।

ଗ୍ରାହକମାନଙ୍କୁ ଠକମାନେ ବ୍ୟାଙ୍କରେ କିପରି ଠକେଇ କରୁଛନ୍ତି ସେ ସମ୍ପର୍କରେ ଗ୍ରାହକମାନଙ୍କୁ ପୋଲିସ ସଚେତନ କରିଥିଲା। ବ୍ୟାଙ୍କରେ ଅଜଣା ବ୍ୟକ୍ତିଙ୍କୁ ଟଙ୍କା ଗଣିବା ପାଇଁ କିମ୍ବା ଜମା କରିବା ପାଇଁ ନ ଦେବାକୁ ପୋଲିସ ଗ୍ରାହକଙ୍କୁ ସଚେତନ କରିଛି। ସେହିପରି ଏଟିଏମରୁ ଟଙ୍କା ଉଠାଣ ବା ଜମା କରିବା ବେଳେ ଅଜଣା ଲୋକଙ୍କୁ ଏଟିଏମ କାର୍ଡ କିମ୍ବା ଗୁପ୍ତ ନମ୍ବର ନ ଦେବାକୁ ଗ୍ରାହକଙ୍କୁ ପୋଲିସ ପରାମର୍ଶ ଦେଇଥିଲା। ଯାଞ୍ଚ ବେଳେ ବିନା କୌଣସି କାମରେ ବ୍ୟାଙ୍କ ଭିତରେ ଥିବା ଲୋକମାନଙ୍କୁ ନ ରହିବାକୁ କୁହାଯାଇଥିଲା । ଏସ୍‌ବିଆଇ, କାନରା ବ୍ୟାଙ୍କ, ଆନ୍ଧ୍ର ବ୍ୟାଙ୍କ, ବ୍ୟାଙ୍କ ଅଫ ବରୋଦା, ଇଣ୍ଡିଆନ ବ୍ୟାଙ୍କ, କୋଟାକ ମହିନ୍ଦ୍ରା ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଭଳି ଅନେକ ସରକାରୀ ଓ ବେସରକାରୀ ବ୍ୟାଙ୍କରେ ପୋଲିସ ମଙ୍ଗଳବାର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲା। କୌଣସି ଦୁର୍ଘଟଣା ଘଟିଲେ ବ୍ୟାଙ୍କରେ ଆଲରାମ ବାଜୁଛି କି ନାହିଁ, ସୁରକ୍ଷାକର୍ମୀ ନିୟୋଜିତ ହୋଇଛନ୍ତି କି ନାହିଁ, ଯଦି ସୁରକ୍ଷାକର୍ମୀ ଅଛି ତେବେ ସେମାନେ ବ୍ୟାଙ୍କର ସୁରକ୍ଷା ସାଙ୍ଗକୁ ଗ୍ରାହକଙ୍କ ସୁରକ୍ଷା ସମ୍ପର୍କରେ ତାଲିମପ୍ରାପ୍ତ କି ନାହିଁ ସେନେଇ ପୋଲିସ ଯାଞ୍ଚ କରିଥିଲା। ଏପରିକି ବ୍ୟାଙ୍କ ଭିତରେ ଓ ବାହାରେ ଖଞ୍ଜାଯାଇଥିବା ସିସି କେମେରା ଗୁଡିକ ଠିକ କାମ କରୁଛି କି ନାହିଁ ତାହାର ମଧ୍ୟ ପୋଲିସ ଯାଞ୍ଚ କରିଥିଲା। ବିଶେଷକରି ଗ୍ରାହକଙ୍କୁ ସଚେତନ କରାଇବା ସହ ଉଭୟ ବ୍ୟାଙ୍କ ଓ ଗ୍ରାହକଙ୍କ ସୁରକ୍ଷା ପାଇଁ ଏଭଳି ଯାଞ୍ଚ କରାଯାଉଛି ବୋଲି ଅତିରିକ୍ତ ଏସପି ପ୍ରଭାତ ରାଉତରାୟ ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI


## ସଂକ୍ଷେପରେ

### ୧୦୦ ବର୍ଷର ସଂସ୍କୃତ ବିଦ୍ୟାଳୟ ବନ୍ଦ କଲା ଶିକ୍ଷା ବିଭାଗ

### ଶେରଗଡ଼ରେ ଅସନ୍ତୋଷ

ଶେରଗଡ଼,୩୦।୭(ଡି.ଏନ.ଏ.)- ଶେରଗଡ଼ସ୍ଥିତ ସଂସ୍କୃତ ବିଦ୍ୟାଳୟକୁ ସବୁଦିନ ପାଇଁ ବନ୍ଦ କରିଦେଇଛି ଜିଲା ଶିକ୍ଷା ବିଭାଗ। ୧୯୧୭ରେ ଆରମ୍ଭ ହୋଇଥିବା ଏହି ଶତାୟୁ ଅନୁଷ୍ଠାନକୁ ବନ୍ଦ କରିବାକୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ପତ୍ର ସଂଖ୍ୟା-୯୮୭/ତା:୨୬।୭।୧୯ରେ ନିର୍ଦ୍ଦେଶ ଆସିଛି। ବିଦ୍ୟାଳୟରେ ଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ପଢିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ଫଳରେ ମଙ୍ଗଳବାର ୭ଜଣ ଛାତ୍ରୀଛାତ୍ର ମହାତ୍ମାଗାନ୍ଧୀ ବିଦ୍ୟାଳୟରେ ଆଡମିଶନ ନେଇଛନ୍ତି। ଶହେ ବର୍ଷର ଏହି ଅନୁଷ୍ଠାନକୁ ବନ୍ଦ କରାଯିବାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି। ବିଦ୍ୟାଳୟ କମିଟି ସଭାପତି ଓ ଅନ୍ୟାନ୍ୟ ସଭ୍ୟ ଦୁଃଖ ପ୍ରକାଶ କରିଛନ୍ତି। ଯଦି ଶିକ୍ଷା ବିଭାଗ ଏହି ବିଦ୍ୟାଳୟକୁ ପୁଣି କାର୍ଯ୍ୟକ୍ଷମ ନକରେ ଦରକାର ପଡ଼ିଲେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବୁ ବୋଲି କହିଛନ୍ତି। ବିଦ୍ୟାଳୟର ପ୍ରଧାନ ପଣ୍ଡିତ ସୀମାଞ୍ଚଳ ମହାପାତ୍ର କହିଛନ୍ତି, ଉକ୍ତ ବିଦ୍ୟାଳୟ ଏକ ସ୍ୱତନ୍ତ୍ର ବିଦ୍ୟାଳୟ ଥିଲା। ଏହା ବନ୍ଦ କରିବା ଦ୍ୱାରା ସଂସ୍କୃତ ଶିକ୍ଷା ଅଞ୍ଚଳରେ ଲୋପ ପାଇବା ସଙ୍ଗେ ସମାନ। ଜିଲା ଶିକ୍ଷା ବିଭାଗ ପୁଣି ଏହାକୁ କାର୍ଯ୍ୟକ୍ଷମ କରୁ। ଏ ସମ୍ପର୍କରେ ଡିଇଓ ସନାତନ ପଣ୍ଡା କୁହନ୍ତି, ସରକାରଙ୍କ ନିର୍ଦ୍ଦେଶ ରହିଛି ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟ ବନ୍ଦ କରିବାକୁ। ସେହି ନିୟମ ଅନୁଯାୟୀ ଉକ୍ତ ବିଦ୍ୟାଳୟରେ ୯ଜଣ ଛାତ୍ରୀଛାତ୍ର ଥିବାରୁ ବନ୍ଦ ନିର୍ଦ୍ଦେଶ ଦିଆଯାଇଛି।

### ସରକାରୀ ନିୟମ ମାନିବେ ଶିଶୁ ଯତ୍ନ କେନ୍ଦ୍ର



ଛତ୍ରପୁର,୩୦।୭(ଡି.ଏନ.ଏ)-ଗଞ୍ଜାମ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଛତ୍ରପୁରସ୍ଥିତ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ମଙ୍ଗଳବାର ଶିଶୁ ସରକ୍ଷା ସମ୍ପର୍କୀତ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଯୋଗଦେଇଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ ଯୋଗଦେଇ ଜିଲାରେ ଶିଶୁମାନଙ୍କ ସୁରକ୍ଷା ଓ ସେମାନଙ୍କ ଯତ୍ନ ଯୋଗାଇବାରେ ସମସ୍ତଙ୍କ ସହଭାଗିତାରେ ସମ୍ଭବ ହୋଇପାରିବ ବୋଲି କହିଥିଲେ । ଏଥିରେ ବିଭିନ୍ନ ସାଧନକର୍ମୀମାନେ ଯୋଗଦେଇ ପ୍ରତ୍ୟେକ କ୍ଷେତ୍ରରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସୁରକ୍ଷା ଅଧିକାରୀ ଶରତ ଚନ୍ଦ୍ର ମହାରଣା ଶିଶୁ ସୁରକ୍ଷା ଅଧିନିୟମ (ଯତ୍ନ ଓ ସୁରକ୍ଷା) ୨୦୧୫ରେ ଥିବା ପରିଚ୍ଛେଦ ଓ ଶିଶୁ ଯତ୍ନ ଅନୁଷ୍ଠାନରେ ଥିବା ସମସ୍ତ କର୍ମଚାରୀଙ୍କ ଦାୟିତ୍ୱ ଓ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଅନୁଷ୍ଠାନରେ କିଭଳି ଶିଶୁଟି ସୁରକ୍ଷା ଓ ଯତ୍ନରେ ରହିବେ ସେଥିପାଇଁ ସରକାରଙ୍କ ନିର୍ଦ୍ଦେଶନାମା ପାଳନ କରିବାକୁ କୁହାଯାଇଥିଲା । ସାଧନକର୍ମୀ ପ୍ରଶାନ୍ତ କୁମାର ମିଶ୍ର ଯୋଗଦେଇ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଶିଶୁ ସୂଚନା ନାମକ ଏକ ପୋର୍ଟାଲରେ ସମସ୍ତ ଶିଶୁ ମାନଙ୍କ ତଥ୍ୟ କିପରି ରଖିବେ ତାଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଅନ୍ୟତମ ସାଧନବ୍ୟକ୍ତି ରୂପେ ସୁବାସ ଚନ୍ଦ୍ର ଦାଶ ଯୋଗଦେଇ ପ୍ରତ୍ୟେକ ଶିଶୁ ପାଇଁ ସାମାଜିକ ଅନୁସନ୍ଧାନ ରିପୋର୍ଟ ଓ ବ୍ୟକ୍ତିଗତ ଯତ୍ନ ଯୋଜନା କରିବା ଉଚିତ୍ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ କୁମାର ସାହୁ, ଶିବ ପ୍ରସାଦ ରଥ ଓ ସଦାମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

### ମଦ ଜବତ, ଅଭିଯୁକ୍ତ ଗିରଫ

ବେଗୁନିଆପଡ଼ା,୩୦।୭(ଡି.ଏନ.ଏ.)- ବେଗୁନିଆପଡ଼ା ଫାଣ୍ଡି ପୋଲିସ ସୋମବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ୪୦ ଲିଟର ଦେଶୀ ମଦ ଓ ଏକ ବାଇକ ଜବତ କରିଛି। ମଦ ନେଇ ଯାଉଥିବା କେ. ବରିଡ଼ା ଗ୍ରାମର ପଞ୍ଚାନନ ପ୍ରଧାନଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ.୧୯୫/୧୯ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ଦୀପ୍ତିରଞ୍ଜନ ବେହେରା କହିଛନ୍ତି।କରିଥିବା ଫାଣ୍ଡି ଅଧିକାରୀ ଦୀପ୍ତିରଞ୍ଜନ ବେହେରା କହିଛନ୍ତି।

■ ଶ୍ରେଣୀଗୃହ ଅର୍ଥ ତୋସରପାତ ମାମଲା

# ପ୍ରଧାନଶିକ୍ଷକଙ୍କୁ ୩ ବର୍ଷ ଜେଲ

ଫୁଲବାଣୀ ଅଫିସ, ୩୦।୭

ଏକ ଶ୍ରେଣୀଗୃହ ନିର୍ମାଣ ବାବଦ ଅର୍ଥ ତୋସରପାତ ମାମଲାର ବିଚାର କରି ମଙ୍ଗଳବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭଗବାନ ପ୍ରଧାନ ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୬ ଲକ୍ଷ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ଅଭିଯୁକ୍ତ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଅଭିଯୁକ୍ତ ହେଲେ କୋଟଗଡ କଲୋନୀ ସାହିର ତଥା ତତ୍କାଳୀନ ଅଡାରି ନୂଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କାହ୍ନୁ ଚରଣ ଦିଗାଲ । ସେ ଏବେ ଗୁଡାବାଲି ପଞ୍ଚାୟତରଏକ ସ୍କୁଲରେ ଅଛନ୍ତି। ୨୦୦୯-୧୦ରେ କୋଟଗଡ ବ୍ଲକ ଓରା ପଞ୍ଚାୟତ ଅଡାରି ନୂଆ ପ୍ରାଥମିକ ବିଦ୍ୟାଳୟର ୨ଟି ଶ୍ରେଣୀଗୃହ ପାଇଁ ୯ ଲକ୍ଷ ୨୫ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ପ୍ରଧାନଶିକ୍ଷକ ଦିଗାଲ ଏବଂ ସ୍କୁଲ ପରିଚାଳନା କମିଟି ସଭାପତି ମିଶି ୨ କିସ୍ତିରେ ୨ଲକ୍ଷ ୫୦ ହଜାର ଟଙ୍କା ଉଠାଇଥିଲେ । ହେଲେ ଏହାପରେ ଦିଗାଲ ଚତୁରତାର ସହ ସ୍କୁଲ ପରିଚାଳନା କମିଟି ସଭାପତିଙ୍କ ଦସ୍ତଖତକୁ ଜାଲ କରି ୪ କିସ୍ତିରେ ୬ ଲକ୍ଷ ଟଙ୍କା ଉଠାଇ ନେଇଥିଲେ । ମାତ୍ର ଘର ପ୍ଲିନ୍ଥ ଲେଭଲ ପର୍ଯ୍ୟନ୍ତ ହୋଇଥିଲା । ଏ ନେଇ ଭିଜିଲାନ୍ସରେ ଅଭିଯୋଗ ହେବାରୁ ୨୦୧୪ ଡିସେମ୍ବର ୧୯ରେ ନଂ.୪୭/୧୪ରେ ମାମଲା ରୁଜୁ ହୋଇଥିଲା । ତଦନ୍ତ ବେଳେ ୬ ଲକ୍ଷ ୪୭ ହଜାର ଟଙ୍କା ହେରଫେର ହୋଇଥିବା ସ୍ପଷ୍ଟ ହୋଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଣି କରିଛନ୍ତି।






# ୭୮ ବିସ୍ଥାପିତ ଶ୍ରମିକଙ୍କୁ ଗିରଫ କଲା ପୋଲିସ

## ଟାଟା ପ୍ରକଳ୍ପରେ ଭଙ୍ଗାରୁଜା ମାମଲା

- ■ଦିନତମାମ ଭ୍ୟାନ୍‌ରେ ଅଟକ ରଖାଗଲା
- ■ଲାଠିମାଡ଼ ହୋଇଥିବା ଅଭିଯୋଗ
- ■ଧାରଣାରେ ବସିଲେ ପରିବାର ସଦସ୍ୟ

ଛତ୍ରପୁର,୩୦।୭(ଡି.ଏନ.ଏ)

ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ଅଧିନ ଟାଟା ପ୍ରକଳ୍ପରେ ଜୁନ୍ ୨୭ ତାରିଖରେ କେତେଜଣ ବିସ୍ଥାପିତ ପରିବାରର ସଦସ୍ୟ ତଥା ଶ୍ରମିକ ଭଙ୍ଗାରୁଜା କରିଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ଟାଟା କମ୍ପାନୀ କର୍ତ୍ତୃପକ୍ଷଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ଚମାଖଣ୍ଡି ପୋଲିସ ଏକ ମାମଲା (ନଂ.୭୩/୧୯) ରୁଜୁ କରିଥିଲା। ଉକ୍ତ ମାମଲାରେ ୭୮ ଜଣ ବିସ୍ଥାପିତ ପରିବାର ସଦସ୍ୟ ତଥା ଶ୍ରମିକଙ୍କୁ ଗିରଫ କରାଯାଇଥିବା ମଙ୍ଗଳବାର ସନ୍ଧ୍ୟାରେ ଛତ୍ରପୁର ଏସଡିପିଓ ଉତ୍କଳ କେଶରୀ ଦାଶଙ୍କଠାରୁ ସୂଚନା ମିଳିଛି।

ଟାଟା ପ୍ରକଳ୍ପରେ ସ୍ଥାୟୀ ନିଯୁକ୍ତି ଦାବି ନେଇ ଉକ୍ତ ୭୮ ଜଣ ଶ୍ରମିକ ଶନିବାରଠାରୁ ଧାରଣାରେ ବସିଥିଲେ। ପୂର୍ବରୁ ଟାଟା ପ୍ରକଳ୍ପରେ ହୋଇଥିବା ଭଙ୍ଗାରୁଜା ମାମଲାରେ କେତେଜଣ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ଧାରଣାସ୍ଥଳକୁ ଯାଇଥିଲା। ଏହାକୁ ବିରୋଧ କରିବାରୁ ସମସ୍ତ ୭୮ ଶ୍ରମିକଙ୍କୁ ପୂର୍ବାହ୍ନରେ ପୋଲିସ ବଳପୂର୍ବକ ଉଠାଇଥିଲା। ପ୍ରତିବାଦ କରିବାରୁ



ଶ୍ରମିକ ମାନଙ୍କୁ ଭ୍ୟାନ୍‌ରେ ବସାଯାଇଛି।

ମହିଳା ଓ କେତେକଙ୍କୁ ପୋଲିସ ମାଡ ମାରିଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଏଥିସହ ମୋବାଇଲ୍, ସୁନା ଅଳଙ୍କାର ମଧ ପୋଲିସ ନେଇଯାଇଥିବା ଶ୍ରମିକମାନେ ଗଣମାଧ୍ୟମ ଆଗରେ କହିଛନ୍ତି। ଅନ୍ୟପକ୍ଷରେ ଏପରି କିଛି ହୋଇ ନ ଥିବା ଏସଡିପିଓ କହିଛନ୍ତି। ୨ଟି ପୋଲିସ ଭ୍ୟାନ୍‌ରେ ସେମାନଙ୍କୁ ଛତ୍ରପୁରସ୍ଥିତ ପୋଲିସ ଆର୍‌ଆଇ (ରିଜର୍ଭ ଇନ୍ସପେକ୍ଟର)ଙ୍କ କାର୍ଯ୍ୟାଳୟ ପରିସର ପଡିଆକୁ ଆଣିଥିଲା। ଉକ୍ତ ଭ୍ୟାନ୍‌ରେ ଶ୍ରମିକମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବସି ରହି ପ୍ରଶାସନ, ପୋଲିସ ଓ ଟାଟା କମ୍ପାନୀ ବିରୋଧରେ ନାରାବାଜି କରୁଥିଲେ। ଏ ସମ୍ପର୍କରେ ଖବରପାଇ ଉକ୍ତ ଶ୍ରମିକ ମାନଙ୍କ ପରିବାରର ଶତାଧିକ ସଦସ୍ୟ ମଧ ଆରଆଇ ଅଫିସ୍ ଫାଟକ ସମ୍ମୁଖକୁ ଯାଇ ପ୍ରତିବାଦ ଜଣାଇଥିଲେ। ପରେ ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ଟାଟା ପ୍ରକଳ୍ପରେ ହୋଇଥିବା ଭଙ୍ଗାରୁଜା ମାମଲାରେ ଗାଡିରେ ଅଟକ ଥିବା ୭୮ ଶ୍ରମିକଙ୍କୁ ଗିରଫ କରାଯାଇଥିବା ଏସଡିପିଓ ଗଣମାଧିକୁ ସୂଚନା ଦେଇଥିଲେ। କୋର୍ଟ ଚାଲାଣ ପୂର୍ବରୁ ଏତେସଂଖ୍ୟକ ଗିରଫ ବ୍ୟକ୍ତିଙ୍କୁ ମେଡିକାଲ ଚେକଅପ୍ ନେଇ ପୋଲିସ ସମସ୍ୟାରେ ପଡିଯାଇଥିଲା। ସନ୍ଧ୍ୟାରେ ପୋଲିସର ଅନୁରୋଧ ରକ୍ଷା କରି ଛତ୍ରପୁର ହସ୍ପିଟାଲର ଜଣେ ଡାକ୍ତର ପୋଲିସ ଆରଆଇ କାର୍ଯ୍ୟାଳୟକୁ ଆସି ସେମାନଙ୍କ ମେଡିକାଲ ଚେକଅପ୍ କରିଥିଲେ। ଘଟଣାସ୍ଥଳରେ ଅତିରିକ୍ତ ଏସପି ପତିତପାବନ ଚୌଧୁରୀ, ଛତ୍ରପୁର ଏସଡିପିଓ, ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ଚମାଖଣ୍ଡି ଥାନା ଆଇଆଇସି ସହଦେବ ମହାପାତ୍ରଙ୍କ ଉପସ୍ଥିତ ରହି ଅନୁଧ୍ୟାନ କରୁଥିଲେ। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ ଫୋର୍ସ ଆରଆଇ ଅଫିସ ପରିସର ଓ ବାହାରେ ମୁତୟନ କରାଯାଇଥିଲା। ପ୍ରକାଶଯୋଗ୍ୟ, ଟାଟା ପ୍ରକଳ୍ପ ପାଇଁ ବିସ୍ଥାପିତ ପରିବାର ସଦସ୍ୟଙ୍କୁ କମ୍ପାନୀ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଉକ୍ତ ୭୮ ଶ୍ରମିକଙ୍କୁ ଟାଟା କମ୍ପାନୀର ଏକ ସହଯୋଗୀ କମ୍ପାନୀରେ ନିଯୁକ୍ତି ଦିଆଯାଇଥିଲା। ତେଣୁ ଟାଟା ଷ୍ଟିଲ୍‌ରେ ସ୍ଥାୟୀ ନିଯୁକ୍ତି ଦାବି ନେଇ ଏମାନେ ବିଭିନ୍ନ ସମୟରେ ଆନ୍ଦୋଳନ କରି ଆସୁଥିଲେ। ଜୁନ୍୨୭ ତାରିଖରେ ଶ୍ରମିକ ଅଶାନ୍ତି ଦେଖାଦେଇଥିଲା। ପରେ କେତେକ ଶ୍ରମିକ ପ୍ରକଳ୍ପ ସ୍ଥଳରେ ଭଙ୍ଗାରୁଜା କରିଥିଲେ। ଟାଟା କମ୍ପାନୀ ପକ୍ଷରୁ ଏ ନେଇ ୮ ଜଣ ଶ୍ରମିକଙ୍କ ନାମ ଉଲ୍ଲେଖ ସହ ଅନ୍ୟମାନେ ସମ୍ପୃକ୍ତ ଥିବା ସମ୍ପର୍କରେ ଚମାଖଣ୍ଡି ଥାନାରେ ଏତଲା ଦେଇଥିଲେ। ଟାଟା କମ୍ପାନୀ ପକ୍ଷରୁ ୫ ଶ୍ରମିକଙ୍କୁ ନିଲମ୍ବନ କରିବା ସହ ୩ ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ୧୭ ତାରିଖରେ ଶ୍ରମିକ ଓ ତାଙ୍କ ପରିବାର ସଦସ୍ୟ ମାନଙ୍କ ପକ୍ଷରୁ ଚମାଖଣ୍ଡି ଥାନା ଘେରାଉ କରାଯାଇଥିଲା। ତ୍ରିପାକ୍ଷିକ ଆଲୋଚନା ବୈଠକ ହେବ ବୋଲି ପ୍ରଶାସନ କହିବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା। ତ୍ରିପାକ୍ଷିକ ବୈଠକ ନହେବାରୁ ଶନିବାର ଠାରୁ ପୁଣି ଶ୍ରମିକ ମାନଙ୍କ ପକ୍ଷରୁ ଟାଟା ପ୍ରକଳ୍ପ ସ୍ଥଳରେ ଧାରଣା ଦିଆଯାଇଥିଲା।

## ଖେମୁଣ୍ଡି ଓକିଲ ସଂଘର ବୈଠକ

ଦିଗପହଣ୍ଡି,୩୦।୭(ଡି.ଏନ.ଏ.)

ମଙ୍ଗଳବାର ଖେମୁଣ୍ଡି ଓକିଲ ସଂଘର ଏକ ବୈଠକ ସଭାପତି ରସାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଠାରୁ ସମ୍ବଲପୁର ରେଳପଥ ନିର୍ମାଣ ଦାବିରେ ଭଞ୍ଜନଗର ଓକିଲ ସଂଘର ଦାବିକୁ ସମର୍ଥନ ଦିଆଯିବା ସହ ଖେମୁଣ୍ଡି ଓକିଲ ସଂଘର ବିଭିନ୍ନ ବିଷୟରେ ଆଲୋଚନା କରାଯାଇ ନିଷ୍ପତ୍ତି ଗୃହୀତ ହୋଇଥିଲା। ବିଶେଷକରି ଦିଗପହଣ୍ଡିରେ ସବଜଜ୍ କୋର୍ଟ ପ୍ରତିଷ୍ଠା ଦିଗରେ ସଭ୍ୟମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ପ୍ରଶାସନ ଅସ୍ଥାୟୀ ଗୃହ ଯୋଗାଇବା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରିଥିଲେ। ସମ୍ପାଦକ ହର ପ୍ରସାଦ ରଥଙ୍କ ପ୍ରସ୍ତାବକ୍ରମେ ପ୍ରଥମେ ସଂଘର ଏକ ପ୍ରତିନିଧି ମଣ୍ଡଳୀ ବ୍ରହ୍ମପୁର ଉପଜିଲାପାଳଙ୍କୁ ଭେଟି ଅସ୍ଥାୟୀ ଗୃହ ସମ୍ପର୍କରେ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଚନ୍ଦ୍ରଧ୍ୱଜ ସିଂହ, ସୂର୍ଯ୍ୟ ନାରାୟଣ ସାହୁ, ସୋମେଶ୍ୱର ରାଓ, ହେମନ୍ତ କୁମାର ପାଣିଗ୍ରାହି, ପରେଶ ଚନ୍ଦ୍ର ରଥ, ନୀଳମାଧବ ରଥ, ରଞ୍ଜନ କୁମାର ବେହେରା, ସୀମାଞ୍ଚଳ ପ୍ରଧାନ ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

## ବସ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଗଞ୍ଜାମ,୩୦।୭(ଡି.ଏନ.ଏ.)

ଗଞ୍ଜାମ ଥାନା ୧୬ନଂ ଜାତୀୟ ରାଜପଥ ପୁଇଁତୋଳା ଗ୍ରାମ ନିକଟରେ ମଙ୍ଗଳବାର ସକାଳ ପ୍ରାୟ ୫ଟାରେ ବସ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ସେ ହେଲେ ପୁଇଁତୋଳା ଗ୍ରାମର ଯୁଧିଷ୍ଠିର ନନ୍ଦଙ୍କ ସ୍ତ୍ରୀ ଅପସରି (୬୧)। ତାଙ୍କ ପରିବାରକୁ କ୍ଷତିପୂରଣ ଦାବି ନେଇ ସ୍ଥାନୀୟ ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

ପ୍ରକାଶ ଯେ, ଅପସରି କାମ କରିବା ପାଇଁ ସକାଳୁ ବିଲକୁ ଯାଉଥିଲେ। ଏହି ସମୟରେ ବ୍ରହ୍ମପୁରରୁ ଜୟପୁର ଯାଉଥିବା ଏକ ଘରୋଇ ବସ (ନଂ ଓଡି୦୨ଏଲ୫୨୮୬) ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ଅପସରିଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରକୁ କ୍ଷତିପୂରଣ ଦାବି ନେଇ ସ୍ଥାନୀୟ ଅଞ୍ଚଳବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଟ୍ରକ, ବସ ଅଟକି ରହିଥିଲା। ଖବରପାଇ ଗଞ୍ଜାମ ଥାନାଧିକାରୀ ସୁଦାମ ମଲିକ, ଏସଆଇ ହୃଷୀକେଶ ପଣ୍ଡା, ଏଏସ୍‌ଆଇ ଶକୁନ୍ତଳା ଦେବୀ, ତହସିଲଦାରଙ୍କ ନିର୍ଦ୍ଦେଶରେ ଆରଆଇ ନୀଳାଞ୍ଚଳ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୁର୍ଘଟଣା ଘଟାଇଥିବା ବସ ମାଲିକଙ୍କ ସହ ଥାନାଧିକାରୀ ଫୋନ ଯୋଗେ କଥାବାର୍ତ୍ତା କରିଥିଲେ। ବସ ମାଲିକ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ରାଜି ହେବାରୁ ରାସ୍ତାରୋକ ହଟିଥିଲା। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିଲା। ମୃତ ମହିଳାଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଆରଆଇ ବେହେରା କହିଛନ୍ତି।



ଅଞ୍ଚଳବାସୀ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

## ଆକ୍ରମଣ ମାମଲା, ଫେରାର ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୩୦।୭(ଡି.ଏନ.ଏ.)

ଦିଗପହଣ୍ଡି ପୋଲିସ ମଙ୍ଗଳବାର କେ. ନୂଆଗାଁ ଥାନା ଗଡଗୋବିନ୍ଦପୁର ଗ୍ରାମର ସୀମା ଓରଫ ସୀମାଞ୍ଚଳ ସେଠିଙ୍କୁ ଥାନା ମାମଲା ନଂ.୧୩୫/୧୯ରେ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଶୁକ୍ରବାର ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦିଗପହଣ୍ଡି ଥାନା ବଡଡୁମୁଳା ଗ୍ରାମରେ ରହୁଥିବା ସୁରେନ୍ଦ୍ର ସେଠୀ ଓ ତାଙ୍କ ପଡୋଶୀ ଜିତୁ ସେଠୀଙ୍କ ପରିବାର ମଧ୍ୟରେ ମାରପିଟ ଘଟିଥିଲା। ଜିତୁ ସେଠୀଙ୍କ ଦୁଇ ପୁଅ ପିଙ୍କୁ ଓ ଚରଣ ଏକ ଲୁହାରଡରେ ପଡୋଶୀ ସରୋଜ ବାରଣ୍ଡାରେ ବସିଥିବାବେଳେ ଆକ୍ରମଣ କରିଥିଲେ। ସରୋଜଙ୍କୁ ଚିକିତ୍ସା ନିମନ୍ତେ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରିଥିଲେ। ଏନେଇ ତାଙ୍କ ମା' ବିଜୁଳି ଦିଗପହଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତିକରି ଦିଗପହଣ୍ଡି ପୋଲିସ ଏକ ମାମଲା ରୁଜୁ କରିବା ସହ ଶନିବାର ୨ଭାଇଙ୍କୁ ଗିରଫ କରି ଥାନା କେସ ନଂ.୧୩୩/୧୯ରେ କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଥିଲା। ସେପଟେ ସରୋଜଙ୍କୁ ଆକ୍ରମଣ ପରେ ତାଙ୍କ ପରିବାର ଲୋକେ ପ୍ରତି ଆକ୍ରମଣ କରିଥିବା ରିପୋର୍ଟକୁ ଭିତ୍ତିକରି ପୋଲିସ ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସରୋଜଙ୍କ ସମ୍ପର୍କୀୟ ସୀମାଞ୍ଚଳ ଆକ୍ରମଣ ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା।

## ବ୍ଲକ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ପିଡି



ସମୀକ୍ଷା କରୁଛନ୍ତି ପ୍ରକଳ୍ପ ନିର୍ଦ୍ଦେଶକ।

ଦିଗପହଣ୍ଡି,୩୦।୭(ଡି.ଏନ.ଏ.)

ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ଇଂ.ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ସୌମ୍ୟରଞ୍ଜନ ହୋତା ସୋମବାର ଅପରାହ୍ନରେ ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଥିଲେ। ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଜୁ ପକ୍କାଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଗ୍ରାମୀଣ ଗୃହ ନିର୍ମାଣ ଯୋଜନା, ନିର୍ମାଣ ଶ୍ରମିକ ଯୋଜନା, ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡିଶା ଯୋଜନାର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ପିଡିଙ୍କ ଏହି ସମୀକ୍ଷା କାର୍ଯ୍ୟକ୍ରମରେ ବିଡ଼ିଓ ହଳଧର ଶବର, ସହକାରୀ ଯନ୍ତ୍ରୀ ଇଂ. ଗଙ୍ଗାଧର ଲେଙ୍କାଙ୍କ ସମେତ ୨ ବ୍ଲକର ସମସ୍ତ ଜେଇ, ଜିପିଟିଏ, ପିଇଓ ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ମଦ ଜବତ, ମହିଳାଙ୍କ ସହ ୨ ଗିରଫ

ଆସିକା,୩୦।୭(ଡି.ଏନ୍.ଏ.)

ଆସିକା ପୋଲିସ ପକ୍ଷରୁ ସୋମବାର ରାତିରେ ଦୁଇଟି ପୃଥକ ପୃଥକ ସ୍ଥାନରେ ଚଢାଉ କରାଯାଇ ରନ୍ଧାମଦ ଜବତ କରାଯାଇଛି। ଏହି ମାମଲାରେ ୨ଜଣଙ୍କୁ ଗିରଫ କରାଯାଇ ମଙ୍ଗଳବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ଆସିକା ଥାନା ବାଲିସିରା ଗ୍ରାମରୁ ୨୦ଲିଟର ମଦ ଜବତ କରାଯାଇ ବାବୁଲା ନାୟକଙ୍କୁ ଗିରଫ କରାଯାଇଥିଲା। ଏନେଇ ଆସିକା ଥାନାରେ ନଂ.୨୪୨/୧୯ରେ ଏକ ମାମଲା ରୁଜୁ କରାଯାଇଛି। ସେହିଭଳି ଆସିକା ଏନ୍‌ଏସିର ବାଣୀବିହାର ଅଞ୍ଚଳରୁ ୪୨ଟି ପଲିଥିନ୍ ପୁଡିଆରେ ଥିବା ୮.୪ ଲିଟର ମଦ ଜବତ କରାଯାଇ ଉର୍ମିଳା ବେହେରାଙ୍କୁ ଗିରଫ କରାଯାଇଛି। ଏନେଇ ନଂ.୨୪୩/୧୯ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

■ ସ୍କୁଲ ରାସ୍ତା ବିପର୍ଯ୍ୟସ୍ତ

# ଅସୁବିଧା ଭୋଗୁଛନ୍ତି ଛାତ୍ରୀଛାତ୍ର

ହିଞ୍ଜିଳିକାଟୁ,୩୦।୭(ଡ଼ି.ଏନ୍.ଏ):

ପ୍ରାଥମିକ ଶିକ୍ଷାର ଭିତ୍ତିଭୂମି ଉନ୍ନତି ପାଇଁ ବହୁ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ ତାହା କିଭଳି ବାଟବଣା ହୋଇଛି ହିଞ୍ଜିଳିକାଟୁ ବ୍ଲକ ରାଳବ ଗ୍ରାମ ପ୍ରାଥମିକ ସ୍କୁଲକୁ ଯିବା ରାସ୍ତାକୁ ଦେଖିଲେ ତାହା ସ୍ପଷ୍ଟ ହେଉଛି। ରାଳବ ଗ୍ରାମ ଦେଉଳ ସାହି ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ୬୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେଠାରେ ଅଙ୍ଗନୱାଡ଼ି କେନ୍ଦ୍ର ମଧ ଚାଲିଛି। ହେଲେ ଗ୍ରାମର ବିଷ୍ଣୁ ମନ୍ଦିର ସାହିରୁ ସେଠାକୁ ଯିବା ପାଇଁ ଥିବା ଏକମାତ୍ର ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ବର୍ଷା ହେଲେ ପ୍ରାୟ ୫୦ମିଟର ଉକ୍ତ ରାସ୍ତା ପାଣି, କାଦୁଅରେ ଭର୍ତ୍ତି ହୋଇଯାଉଛି। ଫଳରେ ଛାତ୍ରୀଛାତ୍ର ଓ ଶିଶୁମାନେ ସ୍କୁଲ ନିକଟକୁ ଯିବାକୁ ଅସୁବିଧା ଭୋଗୁଛନ୍ତି। ଏଥିପ୍ରତି କାହାରି ନଜର ନାହିଁ। ତିତ୍‌ଲି ବାତ୍ୟା ଓ ପରବର୍ତ୍ତୀ ବନ୍ୟାରେ କ୍ଷତିଗ୍ରସ୍ତ ଦେଉଳସାହି ଠାରୁ ଅଙ୍ଗନୱାଡ଼ି କେନ୍ଦ୍ର ପର୍ଯ୍ୟନ୍ତ ରାସ୍ତା ମରାମତି ପାଇଁ ୧ଲକ୍ଷ ୪୦ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବା ଫଳକରେ ଦର୍ଶାଯାଇଛି। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା ଶୋଚନୀୟ ହୋଇପଡିଛି। ବହୁ ଅଭିଭାବକ ଏଥିପାଇଁ ପିଲାଙ୍କୁ ସ୍କୁଲ କିମ୍ବା ଅଙ୍ଗନୱାଡି କେନ୍ଦ୍ରକୁ ଛାଡୁ ନ ଥିବା ଅଭିଯୋଗ ହେଉଛି। ଏ ନେଇ ବିଡ଼ିଓ ପ୍ରସନ୍ନ କୁମାର ପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଉକ୍ତ କାମକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ପାଇଁ ଚୂଡ଼ାନ୍ତ ହୋଇଛି। ଖୁବଶୀଘ୍ର ଉକ୍ତ ସ୍କୁଲ ରାସ୍ତା କାମ ସମ୍ପୂର୍ଣ୍ଣ ହେବ।



ରାଳବ ପ୍ରାଥମିକ ସ୍କୁଲ ରାସ୍ତାରେ କାଦୁଅ ଭର୍ତ୍ତି ହୋଇଛି।


2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ